**ସଢ଼ା ରୋଗ :** ଜଳ ନିଷ୍କାସନର ସୁବ୍ୟବସ୍ଥା କରିବା ଦରକାର । ଆକ୍ରାନ୍ତ ଫସଲରେ ପ୍ରତି ଲିଟର ପାଣିରେ ୧.୫ ଗ୍ରାମ୍ କାର୍ବେଣ୍ଡାଜିମ୍ ଗୋଳାଇ ମିଶ୍ରଣକୁ ମୂଳ ପାଖରେ ସିଞ୍ଚନ କରିବା ଉଚିତ୍ ।

**ମୁଖ୍ୟ ପୋକ ଓ ଏହାର ନିୟନ୍ତ୍ରଣ :**



**ବାଘୁଆ ପୋକ :** ହରଡ଼ ଫସଲରେ ଲାଗି କଢ଼, ଫୁଲ ପରାଗ ରେଣୁ ଖାଇ ସଂପୂର୍ଣ୍ଣ ନଷ୍ଟ କରିଦିଏ । ଦୈନିକ ଗୋଟିଏ ପୋକ ୨୦ ରୁ ୩୦ ପର୍ଯ୍ୟନ୍ତ ଫୁଲ ନଷ୍ଟ କରିଦିଏ ଓ ଛୁଇଁ ଧରେ ନାହିଁ କିମ୍ବା କମ୍ ଧରିଥାଏ । ଅଗଷ୍ଟ ମାସରୁ ନଭେମ୍ବର ମଧରେ ଏହି ପୋକ ଅଧିକ ଦେଖାଯାଏ । ଏହି ପୋକକୁ ନିୟନ୍ତ୍ରଣ କରିବା ନିମନ୍ତେ କୁଇନାଲ୍‌ଫସ୍ ୨ ମି.ଲି. ଏକ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ ।

**ଛୁଇଁବିନ୍ଧା ପୋକ :** ହରଡ଼ ଫସଲର ସର୍ବାଧିକ କ୍ଷତି ଛୁଇଁ ବିନ୍ଧା ପୋକ ଦ୍ୱାରା ହୋଇଥାଏ । ଛୁଇଁବିନ୍ଧା ପୋକର ନିୟନ୍ତ୍ରଣ ପାଇଁ ଏକର ପ୍ରତି ୪୦୦ ମି.ଲି. ପ୍ରୋଫେନୋଫସ୍ ସିଞ୍ଚନ କରି ଏହି ପୋକରୁ ମୁକ୍ତି ପାଇପାରିବେ ।



Egg,larva and adult of gram pod borer

**ଶୋଷକ କୀଟ :** (କାତିପୋକ, ଜଉପୋକ, ଉକୁଣିଆ ପୋକ ଇତ୍ୟାଦି) ଏହି ପୋକମାନେ ଶୋଷକ ଶ୍ରେଣୀର କୀଟ । ଏମାନେ ସାଧାରଣତଃ କାଣ୍ଡ, ଫଳ, ଅଗପତ୍ରରୁ ରସ ଶୋଷି ଖାଇଥାନ୍ତି ।

ଏମାନେ ଅର୍ଭକ ଓ ପୂର୍ଣ୍ଣାଙ୍ଗ ଉଭୟ ଅବସ୍ଥାରେ କ୍ଷତି କରିଥାନ୍ତି । ଏହି ପୋକମାନଙ୍କୁ ଦମନ କରିବାକୁ ହେଲେ ଇମିଡ଼ାକ୍ଲୋପିଡ଼୍ ୧୦ ଲିଟରକୁ ୩ମି.ଲି. ଏବଂ ଥାୟୋମିଥୋସ୍କାମ୍ ୧୫ ଲିଟର ପାଣିରେ ୫ ଗ୍ରାମ୍ ୧୦ ଦିନ ଅନ୍ତରରେ ପର୍ଯ୍ୟାୟକ୍ରମେ ସିଞ୍ଚନ କରନ୍ତୁ ଏବଂ ଏକର ପ୍ରତି ୬ ରୁ ୮ଟି ହଳଦିଆ ଅଠାଳିଆ ଯନ୍ତା ବ୍ୟବହାର କରନ୍ତୁ ।







**ଅମଳ :** ହରଡ଼ ଗଛରେ ଏକ ସମୟରେ କିଛି ପାକଳ ଓ କଞ୍ଚା ଛୁଇଁ ଦେଖିବାକୁ ମିଳିଥାଏ । ଏଣୁ ଅଧିକ ବିଳମ୍ବ କଲେ ପାକଳ ଛୁଇଁ ଫାଟି ଦାନା ଝଡ଼ିପଡ଼େ । ତେଣୁ ହରଡ଼ ଛୁଇଁକୁ ୨ ରୁ ୩ ଥରରେ ଡାଳ କାଟି ଅମଳ କରିବା ଉଚିତ୍ । ଏପରି କରିବା ଦ୍ୱାରା ୫୦ ପ୍ରତିଶତ ଅଧିକ ଅମଳ ମିଳିଥାଏ । ଅମଳ ପରେ ଦାନାକୁ ଭଲ ଭାବରେ ଖରାରେ ଶୁଖାଇ ପରିଷ୍କାର କରି ସାଇତି ରଖିବା ଉଚିତ୍ । ଏପରି କଲେ ହେକ୍ଟର ପିଛା ହାରାହାରି ୧୫ କ୍ୱିଣ୍ଟାଲ୍ ହରଡ଼ ଉତ୍ପାଦନ କରାଯାଇପାରିବ ।





**ଅଧିକ ବିବରଣୀ ପାଇଁ କୃଷି ବିଜ୍ଞାନ କେନ୍ଦ୍ର, ଅନୁଗୋଳ ସହିତ ଯୋଗାଯୋଗ କରନ୍ତୁ ।**

# ହରଡ଼ ଫସଲରେ ରୋଗ ପୋକ ପରିଚାଳନା




ଲେଖିକା

ଶ୍ରୀମତୀ ଇପ୍‌ସୀତା ମିଶ୍ର

ବୈଜ୍ଞାନିକ (ଶସ୍ୟ ସଂରକ୍ଷଣ)

ସଂପାଦିକା

ଡଃ. ବିନୀତା ଶତପଥୀ

ବରିଷ୍ଠ ବୈଜ୍ଞାନିକ ଓ ମୁଖ୍ୟ

## କୃଷି ବିଜ୍ଞାନ କେନ୍ଦ୍ର, ଅନୁଗୋଳ

ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱ ବିଦ୍ୟାଳୟ, ଭୁବନେଶ୍ୱର

ହରଡ଼ ଡାଲିର ବ୍ୟବହାର ଅନ୍ୟ ଡାଲିମାନଙ୍କ ଠାରୁ ଅଧିକ । ଆମ ଓଡ଼ିଶାରେ ହରଡ଼ ଅନେକ ପରିମାଣରେ ଚାଷ (୧୩୨୫୫୦ ହେକ୍ଟର) କରାଯାଉଥିଲେ ମଧ୍ୟ ଏହାର ହେକ୍ଟର ପିଛା ଉତ୍ପାଦନ ବହୁତ କମ୍ । (୬-୮ କ୍ୱିଣ୍ଟାଲ/ହେକ୍ଟର)

ହରଡ଼ ଉତ୍ପାଦନରେ ବୃଦ୍ଧି ତଥା ଡାଲି ଉତ୍ପାଦନରେ ସ୍ୱାବଲମ୍ବୀ ହେବା ପାଇଁ ନୂତନ ଜ୍ଞାନ କୌଶଳ ହରଡ଼ ଚାଷରେ ପ୍ରୟୋଗ କରିବା ଦରକାର । ଉନ୍ନତ ଅଧିକ ଅମଳକ୍ଷମ ବିହନ, ସୁଷମ ସାର ପ୍ରୟୋଗ, ଉପଯୁକ୍ତ ସମୟରେ ଅନାବନା ଘାସ ନିୟନ୍ତ୍ରଣ, ରୋଗ ପୋକ ନିୟନ୍ତ୍ରଣ, ତଥା ନୂତନ ଜ୍ଞାନ କୌଶଳର ପ୍ରୟୋଗ ଦ୍ୱାରା ହରଡ଼ ଫସଲର ଉତ୍ପାଦନ ବୃଦ୍ଧି କରାଯାଇ ପାରିବ ।

**ମୃତ୍ତିକା :** ହରଡ଼ ଚାଷ ପାଇଁ ଦୋରସା, ବାଲିଆ ଦୋରସା ଓ ପଟୁ ଦୋରସା ମାଟି ଉତ୍କୃଷ୍ଟ । ସନ୍ତସନ୍ତିଆ ଓ ମଟାଳ ମାଟି ହରଡ଼ ଚାଷ ପାଇଁ ଅନୁପଯୁକ୍ତ । ନିଗିଡ଼ା ଢ଼ିପ ଜମିରେ ହରଡ଼ ଚାଷ ଭଲ ହୋଇପାରେ ।

**ଜମି ପ୍ରସ୍ତୁତି :** ହରଡ଼ ଫସଲ ଚାଷ କରିବା ପୂର୍ବରୁ ଲଙ୍ଗଳରେ ଜମିକୁ ୩ ରୁ ୪ ଓଡ଼ ଚାଷ କରି ଭଲ ଭାବରେ ଗୁଣ୍ଡ କରିବା ଦରକାର । ଶେଷ ଓଡ଼ ଚାଷ ସମୟରେ ହେକ୍ଟର ପିଛା ୫ ଟନ୍ ସଢ଼ା ଗୋବର ଖତ କିମ୍ବା କମ୍ପୋଷ୍ଟ ଜମିରେ ପକାଇ ମଇ ଦେଇ ମାଟିକୁ ସମତୁଲ କରିବା ଉଚିତ୍ ।

**ବୁଣିବା ସମୟ :** ଜୁନ୍ ମାସର ଦ୍ୱିତୀୟ ସପ୍ତାହ ଠାରୁ ଶେଷ ସପ୍ତାହ ମଧ୍ୟରେ ଖରିଫ୍ ହରଡ଼କୁ ବୁଣି ଦେବା ଉଚିତ୍ ।

**ବିହନ କିସମ :** ଉପାସ-୧୨୦, ଆଇ.ସି.ପି.ଏଲ୍-୮୭ (ପ୍ରଗତି) ଆଇ.ସି.ପି.ଏଲ୍.-୮୭୧୧୯ (ଆଶା), ଆର୍-୬୦ (ମୁକ୍ତା), ପି.ଆର୍.ଜି.-୧୭୬ ।

**ବିହନ ପରିମାଣ, ବିଶୋଧନ ଓ ବୁଣିବା ପ୍ରଣାଳୀ**

● ଏକ ହେକ୍ଟର ଜମିରେ ହରଡ଼ ଚାଷ କରିବାକୁ ହେଲେ ୨୦ କି.ଗ୍ରା. ବିହନ ଦରକାର ହୁଏ ।

● ବିହନ ଗଜା ହେବା ସମୟରେ ଓ ପରେ ପରେ କେତେକ ଫିମ୍ପି ଜାତୀୟ ରୋଗ ଯଥା-ମୂଳ ସଢ଼ା ରୋଗ, ଚାରା ସଢ଼ା, ଚାରା ଝାଉଁଳା ରୋଗ ଲାଗି ଗଜା ଓ ଚାରା ନଷ୍ଟ ହୋଇଯାଏ । ଏଣୁ ଏକ କି.ଗ୍ରା. ମଞ୍ଜି ପ୍ରତି ୩ ଗ୍ରାମ୍ କ୍ୟାପ୍‌ଟାନ୍ ବା ଥିରାମ୍ କିମ୍ବା ୨ ଗ୍ରାମ୍ କାର୍ବେଣ୍ଡାଜିମ୍ ଗୋଳାଇ ବୁଣିବାର ୭ ଦିନ ଆଗରୁ ବିଶୋଧନ କରିବା ଦରକାର । କାରଣ ବୁଣିବାର ୬ ଘଣ୍ଟା ପୂର୍ବରୁ ରାଇଜୋବିୟମ୍ ଜୀବାଣୁ କଲଚର ଉପଚାର କରିବାକୁ ପଡ଼ିବ ।

● ହରଡ଼ ଚେରରେ ଗଣ୍ଠି ସୃଷ୍ଟି ହୁଏ ଓ ଏହି ଗଣ୍ଠିରେ ଉପକାରୀ ଜୀବାଣୁ ରାଇଜୋବିଅମ୍ ରହି ବାୟୁମଣ୍ଡଳରୁ ଯବକ୍ଷାରଜାନ ସାର ବିବନ୍ଧନ କରି ଗଛକୁ ଯୋଗାଇଥାଏ । ଏଣୁ ଏକ କିଲୋଗ୍ରାମ୍ ବିହନ ପାଇଁ ୨୦ ଗ୍ରାମ୍ ରାଇଜୋବିଅମ୍ ଜୀବାଣୁ କଲଚର ଆବଶ୍ୟକ । ଜୀବାଣୁ କଲଚର୍ ସହିତ ତାର ଦୁଇଗୁଣ ଓଜନର ପାଣି ନେଇ ସେଥିରେ ମଣ୍ଡ ପ୍ରସ୍ତୁତ କରି ସେହି ମଣ୍ଡକୁ ମଞ୍ଜି ଉପରେ ହାତରେ ଗୋଳାଇ ମଞ୍ଜି ଚାରିପଟେ ଏକ ଆବରଣ ସୃଷ୍ଟି କରାଯାଏ । ଏହି ଉପଚାରିତ ବିହନକୁ ଛାଇରେ ଶୁଖାଇ ପରେ ବୁଣିବା ଉଚିତ୍ । ହରଡ଼ ବିହନକୁ ଧାଡ଼ିକୁ ଧାଡ଼ି ୬୦ ସେ.ମି. ଓ ଗଛକୁ ଗଛ ୨୦ ସେ.ମି. ବ୍ୟବଧାନ୍‌ରେ ବୁଣାଯିବା ଉଚିତ୍ ।

**ଖତ ସାର ପ୍ରୟୋଗ :** ଏକ ହେକ୍ଟର ପାଇଁ ୫ ଟନ୍ ସଢ଼ ଗୋବର ଖତ ବା କମ୍ପୋଷ୍ଟ ଦରକାର । ଏହାଛଡ଼ା ୨୦ କି.ଗ୍ରା. ଯବକ୍ଷାରଜାନ, ୪୦ କି.ଗ୍ରା. ଫସ୍‌ଫରସ୍ ଓ ୪୦ କି.ଗ୍ରା. ପଟାସ୍ ସାର ଏକ ହେକ୍ଟର ପାଇଁ ଆବଶ୍ୟକ । ସମସ୍ତ ସାର ମୂଳ ସାର ହିସାବରେ ଶେଷ ଓଡ଼ ଚାଷ ବେଳେ ଜମିରେ ପ୍ରୟୋଗ କରିବା ଉଚିତ୍ ।

**ଅନାବନା ଘାସ ନିୟନ୍ତ୍ରଣ :** ହରଡ଼ ଚାଷରେ ପ୍ରାଥମିକ ଅବସ୍ଥାରେ ଅନାବନା ଘାସ ଦ୍ୱାରା ଅଧିକ ପରିମାଣରେ ଆକ୍ରାନ୍ତ ହୁଏ । ତେଣୁ ଫସଲକୁ ୩୦-୪୦ ଦିନ ପର୍ଯ୍ୟନ୍ତ ଘାସମୁକ୍ତ ରଖିବା ଆବଶ୍ୟକ । ହରଡ଼ ବୁଣିବାର ସପ୍ତାହ ପରେ ଓ ଆଉଥରେ ୨ ସପ୍ତାହ ପରେ ଘାସ ବଛାବଛି କରି କୋଡ଼ା ଖୁସା କରିଦେବା ଉଚିତ୍ । ନଚେତ୍ ତୃଣନାଶକ ପେଣ୍ଡିମେଥାଲିନ୍ ହେକ୍ଟର ପିଛା ୧ ଲିଟରକୁ ୫୦ ଲିଟର ପାଣିରେ ମିଶାଇ ବିହନ ବୁଣିବାର ୩ ଦିନ ପରେ ଜମିରେ ବତର ଥିବା ସମୟରେ ସିଞ୍ଚନ କଲେ ଘାସ ନିୟନ୍ତ୍ରଣ ସହଜରେ ହୋଇଥାଏ ।

**ଜଳସେଚନ :** ଖରିଫ୍ ଋତୁରେ ହରଡ଼ ଫସଲ କମ୍ ଜଳ ଦରକାର ଫୁଲ ଧରିବା ଓ ଛୁଇଁରେ ଦାନା ଧରିବା ସମୟରେ ଫସଲରେ ପାଣି ମଡ଼ାଇବା ଦରକାର ।

ବର୍ଷା ଋତୁରେ ଜମିରେ ପାଣି ଜମି ରହିଲେ ବା ସନ୍ତସନ୍ତିଆ ହେଲେ ହରଡ଼ ଫସଲ ଭଲ ଭାବରେ ବଢ଼େ ନାହିଁ । ତେଣୁ ଜଳ ନିଷ୍କାସନ ପାଇଁ ସୁବନ୍ଦୋବସ୍ତ କରିବା ଦରକାର ।

**ହରଡ଼ରେ ରୋଗ ପୋକ ପରିଚାଳନା :**

**ଝାଉଁଳା ରୋଗ :** ଫସଲ ଝାଉଁଳା ରୋଗରେ ଆକ୍ରାନ୍ତ ହେଲେ ଫୁଲ ହେବା ପୂର୍ବରୁ ଗଛର ମୂଳଭାଗକୁ ଶତକଡ଼ା ୦.୧୫ ପ୍ରତିଶତ କାର୍ବେଣ୍ଡାଜିମ୍/ମେଟାଲ୍‌କସିଲ୍ ମିଶାଇ ଭିଜାଇ ଦିଅନ୍ତୁ ।




**ବନ୍ଧ୍ୟା ରୋଗ :** ଆକ୍ରାନ୍ତ ଫସଲରେ ଫୁଲ ଓ ଛୁଇଁ ଧରେ ନାହିଁ । ଏହାର ନିରାକରଣ ପାଇଁ ଫସଲ କିଆରୀକୁ ସଫାସୁତୁରା ରଖିବା ଦରକାର । ପତ୍ରଗୁଡ଼ିକ ଛୋଟ ହୋଇଥାଏ । ଏହି ରୋଗ ଅଷ୍ଟପଦୀ ପୋକମାନଙ୍କ ଦ୍ୱାରା ବ୍ୟାପିଥାଏ । ଏହି ରୋଗର ପ୍ରତିକାର ନିମନ୍ତେ ରୋଗ ସହଣଶକ୍ତି ଥିବା ବିହନ ଯଥା-ଆଶା, ବାହାର ଇତ୍ୟାଦି ବ୍ୟବହାର କରନ୍ତୁ । ଏହା ବ୍ୟତୀତ ଅଷ୍ଟପଦୀର ଆକ୍ରମଣ ରୋକିବା ନିମନ୍ତେ ଶତକଡ଼ା ୦.୧% ଅକ୍ସିଡ଼େମିଟନ୍ ମିଥାଇଲ୍ (ମେଟାସିସ୍‌ଟୋକ୍ସ)ର ବ୍ୟବହାର କରନ୍ତୁ ।

**ପତ୍ରପୋଡ଼ା ରୋଗ :** ଏକ ଲିଟର ପାଣିରେ ୩ ଗ୍ରାମ୍ କପର ଅକ୍ସିକ୍ଲୋରାଇଡ୍ ୧୦ ଦିନ ଅନ୍ତରରେ ୩ ଥର ସିଞ୍ଚନ କଲେ ଏହି ରୋଗରୁ ମୁକ୍ତି ମିଳିପାରିବ । ଫସଲରୁ ଜଳ ନିଷ୍କାସନ କରନ୍ତୁ । ପତ୍ର ଉପରେ ଅନିୟମିତ ପୋଡ଼ା ଦାଗ ଦେଖାଯାଏ ଏବଂ ଧିରେ ଧିରେ ପତ୍ର ପୋଡ଼ିଯାଏ ଏବଂ କାଣ୍ଡରେ ମଧ୍ୟ ପୋଡ଼ା ଦାଗ ପରିଲିଖିତ ହୁଏ ଏବଂ କାଣ୍ଡ ଭାଙ୍ଗିଯାଏ ।